# REGIONAL NEWS UNIT, AIR CUTTACK
## Mid-day Bulletin (2.32PM)
### 2 April - 2025
### News Editor : Tapan Kumar Maharana
**********************************

## ମୁଖ୍ୟ ସମ୍ବାଦ

- ଜାତୀୟ ଶିକ୍ଷାନୀତି ୨୦୨୦ ଅଧୀନରେ ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆଜିଠାରୁ ଆରମ୍ଭ ହେଲା ଶିଶୁବାଟିକାରେ ଖଡିଛୁଆଁ

- ବିଧାନସଭାର ବଜେଟ୍ ଅଧିବେଶନର ଷୋଡଶ ଦିନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ

— କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦେବା ପାଇଁ ଦାବି

- ଚଳିତ ଖରିଫ୍ ଋତୁରେ ଅଧିକ ୧୬ ଲକ୍ଷ ଟନ୍ ଧାନ ସଂଗ୍ରହ କରିଛନ୍ତି ସରକାର

ଏବଂ

- ଶ୍ରୀମନ୍ଦିରରେ ଆଜି ବନକଲାଗିନୀତି ପାଇଁ ଅପରାହ୍ଣ ୫ଟାରୁ ୫ ଘଣ୍ଟା ପାଇଁ ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

# ଖଡ଼ିଛୁଆଁ ଉତ୍ସବ

‘ଜାତୀୟ ଶିକ୍ଷାନୀତି ୨୦୨୦’ ଅଧୀନରେ ରାଜ୍ୟରେ ପ୍ରଥମଥର ପାଇଁ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଆଜି ଶିଶୁବାଟିକାର ଶୁଭାରମ୍ଭ ହୋଇଛି। ଭୁବନେଶ୍ୱର ବଡ଼ଗଡ଼ ସରକାରୀ ଉଚ୍ଚବିଦ୍ୟାଳୟରେ ରାଜ୍ୟସ୍ତରୀୟ ବିଦ୍ୟାଳୟ ପ୍ରବେଶ ଓ ଖଡ଼ିଛୁଆଁ ଉତ୍ସବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରି କହିଛନ୍ତି, ରାଜ୍ୟର ସମସ୍ତ ପିଲାଙ୍କୁ ସର୍ବୋତ୍ତମ ଓ ଗୁଣାତ୍ମକ ଶିକ୍ଷାଦାନ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ପିଲାମାନଙ୍କୁ ବିଦ୍ୟାଳୟକୁ ଆସିବା ପାଇଁ ଆକୃଷ୍ଟ କରିବା ଲାଗି ଖଡ଼ିଛୁଆଁ ଉତ୍ସବର ଆୟୋଜନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

**-V/O-***(CM)*

ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଆରମ୍ଭ କରିଛନ୍ତି। ଖଡ଼ିଛୁଆଁ କାର୍ଯ୍ୟକ୍ରମ ଆସନ୍ତା ୪ ଦିନ ଧରି ଚାଲିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଜି ସକାଳ ୬ଟାରୁ ସ୍କୁଲ୍‌ଗୁଡ଼ିକ ଖୋଲାଯାଇଥିଲା।

# ଖଡିଛୁଆଁ-ଜିଲ୍ଲା

ଜିଲ୍ଲାସ୍ତରରେ ସ୍କୁଲ ପ୍ରବେଶ ଉତ୍ସବ ଓ ଶିଶୁବାଟିକାରେ ଖଡିଛୁଆ ଉତ୍ସବ ଆରମ୍ଭ ହୋଇଥିବା ସମ୍ବାଦ ଆମର ହସ୍ତଗତ ହୋଇଛି।

**କେନ୍ଦ୍ରାପଡା** ଜିଲ୍ଲା ଡେରାବିଶି ବ୍ଲକ୍ ଠାକୁରପାଟଣା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରକାରଙ୍କର ଏହି ଅଭିନବ ପ୍ରୟାସକୁ ଅତିଥିମାନେ ସ୍ୱାଗତ କରିଥିଲେ। ବିଦ୍ୟାଳୟ ପରିସରରେ ଶିଶୁମାନଙ୍କୁ ନୂଆ ସିଲଟରେ ଖଡିଛୁଆଁଇବା, ନୂତନ ବ୍ୟାଗ୍ ସହ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା।

**ସୁବର୍ଣ୍ଣପୁର** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିକ୍ଷା ଓ ମହିଳା ଶିଶୁ ବିଭାଗର ମିଳିତ ଆନୁକୂଲ୍ୟରେ ମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଅଭିଯାନକୁ ଜିଲ୍ଲାପାଳ ଅନ୍ୟା ଦାସ ଶୁଭାରମ୍ଭ କରିଥିଲେ। ଶିଶୁ ବାଟିକାରେ ନୂତନ ଛାତ୍ରଛାତ୍ରୀଙ୍କୁ ଖଡିଛୁଆଁ ଓ ବିଦ୍ୟାଳୟ ପ୍ରବେଶ କରାଯାଇଥିଲା।

**ରାୟଗଡ଼ା** ଜିଲ୍ଲାରେ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାରୁଲ ପଟୱାରୀ ଶୁଭାରମ୍ଭ କରିଥିଲେ।

ଜିଲ୍ଲାର ୧ ହଜାର ୧୧୯ ବିଦ୍ୟାଳୟରେ ୧୧ ହଜାର ୨୮୩ ଜଣ ଛାତ୍ରଛାତ୍ରୀଙ୍କୁ ଖଡି ଛୁଆଁଇବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

**ଭଦ୍ରକ** ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁବାଟିକାର ଶୁଭାରମ୍ଭ କରି ପିଲାଙ୍କୁ ଖଡିଛୁଆଁଇଥିଲେ। ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସହ ସେମାନଙ୍କ

ବୌଦ୍ଧିକ ବିକାଶ ଦିଗରେ ସରକାର ନେଉଥିବା ବିଭିନ୍ନ ପଦକ୍ଷେପ ଉପରେ ଅତିଥିମାନେ ଆଲୋଚନା କରିଥିଲେ।

**କଳାହାଣ୍ଡି** ଜିଲ୍ଲା ଭବାନୀପାଟଣା ସହର ସ୍ଥିତ ବାପୁଜୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଥିବା କାର୍ଯ୍ୟକ୍ରମରେ  ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଶିଶୁବାଟିକାରେ ନାମ ଲେଖାଇବା ପାଇଁ ଅଭିଭାବକମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାକ୍ଷରତା, ସଂଖ୍ୟାଜ୍ଞାନ ଓ ସୃଜନୀଷ୍ଟଲର ପ୍ରଦର୍ଶନୀ କରାଯାଇଥିଲା।

**ଢେଙ୍କାନାଳ** ଜିଲ୍ଲା ବ୍ରଜନାଥ ବଡଜେନା ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ଉତ୍ସବରେ ସଂଖ୍ୟାଜ୍ଞାନ କେନ୍ଦ୍ର, ସୃଜନୀ କେନ୍ଦ୍ର, ସାକ୍ଷରତା କେନ୍ଦ୍ରକୁ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିଛନ୍ତି।

**ପୁରୀ** ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଓ ଖଡିଛୁଆଁର ଶୁଭାରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ନିମାପଡାର ଦିଘାଲଠାରେ ଗୋପ ଓ ନିମାପଡା ଶିକ୍ଷାମଣ୍ଡଳସ୍ତରୀୟ  କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ନାମ ଲେଖାଇଥିବା କୁନି ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟନ ସହିତ ଚନ୍ଦନ ଲଗାଇ ଖଡିଛୁଆଁ ଯାଇଥିଲା।

**ଗଞ୍ଜାମ** ଜିଲ୍ଲା ପୂତି ଗୋପାଳପୁର ବିଦ୍ୟାଳୟରେ ଏହି ଉତ୍ସବକୁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଉଦ୍‌ଘାଟନ କରି ପିଲାଙ୍କୁ ଖଡି ଛୁଆଇଁବା ସହ ସ୍କୁଲ ବ୍ୟାଗ୍ ବଣ୍ଟନ କରିଛନ୍ତି। ଜିଲ୍ଲାର ୨ ହଜାର ୬୧୩ ସ୍କୁଲରେ ଖଡିଛୁଆଁ କାର୍ଯ୍ୟକ୍ରମ କରାଯାଇଛି।

## ବିଧାନସଭା-କୋଶଳୀ ଭାଷା

ବିଧାନସଭା ବଜେଟ୍ ଅଧିବେଶନର ଆଜି ଷୋଡଶ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଥିଲା। ପ୍ରଶ୍ନୋତ୍ତର ଏବଂ ଶୂନ୍ୟକାଳ ସୁରୁଖୁରୁରେ ଚାଲିଥିଲା। କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦେବା ଲାଗି ବିଧାନସଭାରେ ଆଜି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଦାବି କରିଛନ୍ତି। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସଦସ୍ୟ ଶ୍ରୀ ଆଚାର୍ଯ୍ୟ କହିଛନ୍ତି, ରାଜ୍ୟର ୧୧ଟି ଜିଲାରେ ୧ କୋଟି ୫୦ ଲକ୍ଷରୁ ଅଧିକ ଲୋକ କୋଶଳୀ ଭାଷାରେ କଥାବାର୍ତ୍ତା କରିଥାନ୍ତି। କୋଶଳୀ ଭାଷାରେ ରାମାୟଣ, ମହାଭାରତ, ହଜାର ହଜାର ପୁସ୍ତକ ସହିତ କୋଶଳୀ ଭାଷାର ନିଜସ୍ୱ ଅଭିଧାନ ରହିଛି। ସଂସଦରେ କୋଶଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନିତ କରିବା ନେଇ ଦାବି କରାଯାଇଛି। ରାଜ୍ୟ ସରକାର ଆଉ ଏକ ଭାଷାକୁ ରାଜଭାଷାର ମାନ୍ୟତା ପ୍ରଦାନ କରିବାକୁ ସମ୍ବିଧାନରେ କ୍ଷମତା ଦିଆଯାଇଛି। ସଦସ୍ୟ ଶ୍ରୀ ଆଚାର୍ଯ୍ୟଙ୍କର ସମର୍ଥନରେ କୋଶଳୀ ଭାଷାରେ ମନ୍ତବ୍ୟ ରଖି ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ଯଥାଶୀଘ୍ର କୋଶଳୀ ଭାଷାକୁ ରାଜ୍ୟ ଭାଷାର ମାନ୍ୟତା ଦେବା ପାଇଁ ଗୃହରେ ଦାବି କରିଥିଲେ।

## ବିଧାନସଭା-ଧାନ

ରାଜ୍ୟ ସରକାର ଗତବର୍ଷ ଅପେକ୍ଷା ୧୬ ଲକ୍ଷ ଟନ୍ ଅଧିକ ଧାନ କିଣିଛନ୍ତି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି। ଯୋଗାଣ ବିଭାଗ ସମ୍ପର୍କିତ ବିଜେପି ସଦସ୍ୟ ଟଙ୍କଧର ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ରାଜ୍ୟ

ସରକାର ଚଳିତବର୍ଷ ୭୪ ଲକ୍ଷ ଟନ୍ ଧାନ କିଣିଛନ୍ତି। ପ୍ରତ୍ୟେକବର୍ଷ ୨୬ ଲକ୍ଷ ଟନ୍ ଚାଉଳ ଭାରତୀୟ ଖାଦ୍ୟ ନିଗମ-ଏଫ୍.ସି.ଆଇ. ନେଇଥାଏ ବୋଲି ମନ୍ତ୍ରୀ କହିଛନ୍ତି। କିନ୍ତୁ ଏଥର ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଆଉ ଅଧିକ ୨୦ ଲକ୍ଷ ଟନ୍ ଚାଉଳ କେନ୍ଦ୍ର ସରକାର ନେବା ପାଇଁ ରାଜି ହୋଇଛନ୍ତି। ଏହାପରେ ମଧ୍ୟ ୧୫ ଲକ୍ଷ ଟନ୍ ଚାଉଳ ବଳକା ରହୁଛି। ୧୦ ଲକ୍ଷ ଟନ୍ ଚାଉଳ ମହଜୁଦ ରଖିବା ପାଇଁ ସରକାର ଗୋଦାମ ଘର ନିର୍ମାଣ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ବିଧାନସଭା-୧

ରାଜ୍ୟରେ ପ୍ରତି ପଞ୍ଚାୟତରେ ପୋଷଣ କେନ୍ଦ୍ର ଖୋଲାଯିବା ନେଇ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଧାନସଭାରେ କହିଛନ୍ତି। ଏହି କେନ୍ଦ୍ରରେ ଗରିବ, ମଧ୍ୟବିତ୍ତଙ୍କୁ ଚାଉଳ, ଗହମ ଓ ଡାଲି ରିହାତି ଦରରେ ଯୋଗାଇ ଦିଆଯିବ। ସାଧାରଣ ବଣ୍ଟନ ବ୍ୟବସ୍ଥା-ପିଡିଏସ୍ ଜରିଆରେ ଗହମ ଯୋଗାଣ ନେଇ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି। ରାଜ୍ୟରେ ନୂଆ ଗୋଦାମ ଗୃହ ନିର୍ମାଣ ପାଇଁ ସରକାର ଟେଣ୍ଡର ଆହ୍ୱାନ କରିଛନ୍ତି। ପର୍ଯ୍ୟାପ୍ତ ଗହମ ମହଜୁଦ୍ ରଖିବା ପାଇଁ ସମସ୍ତ ବ୍ୟବସ୍ଥା ପରେ ଗହମ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

## ବିଧାନସଭା-ଜୈବିକ ଚାଷ

ରାଜ୍ୟ ସରକାର ବଳଭଦ୍ର ଜୈବିକ ଚାଷ ମିଶନ ଜରିଆରେ ଜୈବିକ କୃଷିକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ବିଧାନସଭାରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଜୈବିକ ଚାଷକୁ ପ୍ରୋତ୍ସାହିତ କରିବା, ଏବଂ ଜୈବିକ

ଚାଷର କ୍ଷେତ୍ରଫଳ ବୃଦ୍ଧି ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଫସଲରେ ଅଧିକ କୀଟନାଶକ ବ୍ୟବହାର କରାଯାଉଥିବାରୁ କର୍କଟ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ଜୈବିକ ଚାଷର ବ୍ୟାପକତା ଉପରେ  ସରକାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ଗୃହରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

## ଯୁକ୍ତ ଦୁଇ ପରୀକ୍ଷା ଖାତା ରେଜଲ୍ଟ

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହୋଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦୁଇଟି ପର୍ଯ୍ୟାୟରେ ଖାତା ଦେଖା ହେବ। ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ୧୬ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତା ଦେଖା ହେବ ।  ଖାତାଦେଖା ପାଇଁ ୧୪୮ଟି କେନ୍ଦ୍ର କରାଯାଇଛି ଏବଂ ଖାତା ଦେଖିବା ପାଇଁ  ମୋଟ ୧୬ ହଜାର ଅଧ୍ୟାପକ ନିଯୁକ୍ତ ହୋଇଛନ୍ତି। ଚଳିତ ବର୍ଷ ୩ ଲକ୍ଷ ୯୩ ହଜାର ୬୧୬ ପରୀକ୍ଷାର୍ଥୀ ଯୁକ୍ତ ୨ ପରୀକ୍ଷା ଦେଇଥିବା ନେଇ ପରିଷଦ ପକ୍ଷରୁ ସୂଚନା ମିଳିଛି।

## ବନଲାଗିନୀତି

ଚୈତ୍ର ମାସ ଶୁକ୍ଳ ପଞ୍ଚମୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗ ମଣ୍ଡପ ଭୋଗ ଶେଷ ହେବାପରେ ଅପରାହ୍ନ ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି ଗୁପ୍ତନୀତି

ସମ୍ପନ୍ନ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହି ସମୟ ମଧ୍ୟରେ ଶ୍ରୀଜୀଉଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

# ଅଟିଜିମ୍ ଦିବସ

ଆଜି ବିଶ୍ୱ ଅଟିଜିମ୍ ଦିବସ । ଅଟିଜିମ ରୋଗ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ପ୍ରଭାବିତ କରିଥାଏ । ମସ୍ତିଷ୍କର ବିକାଶ ସମ୍ବନ୍ଧୀୟ ରୋଗ ସାଧାରଣ ଭାବେ ଶୈଶବ ଅବସ୍ଥାରୁ ଆରମ୍ଭ ହୋଇଥାଏ । ଏହି ରୋଗର ଶିକାର ହୋଇଥିବା  ଶିଶୁ ଏବଂ ବୟସ୍କ ଲୋକମାନେ ଦେଖିବା, ଶୁଣିବା ଏବଂ ଅନୁଭବ କରିବାର ଲକ୍ଷଣରେ ବିଚ୍ୟୁତି ଦେଖାଦେଇଥାଏ । ଅଟିଜିମ୍ ରୋଗରେ ଆକ୍ରାନ୍ତ ଶିଶୁଙ୍କ ଭାଷାର ପରିପ୍ରକାଶ ଏବଂ ଶ୍ରବଣ ଶକ୍ତି ବହୁ ପରିମାଣରେ ହ୍ରାସ ଘଟିଥାଏ । ଅଟିଜିମ୍ ଏକ ସ୍ନାୟୁଗତ ସମସ୍ୟା ହୋଇଥିବାରୁ ଶୈଶବ ଅବସ୍ଥାରେ ଜଣେ ଶିଶୁର ମସ୍ତିଷ୍କ ସଠିକ୍ ଭାବରେ ବିକଶିତ ହୋଇ ନଥାଏ। ଜନ୍ମ ସମୟରେ ଏହି ରୋଗ ବାବଦରେ ଜଣାପଡି ନଥାଏ। ଧୀରେ ଧୀରେ ପିଲାଟିର ଶାରୀରିକ ଅଭିବୃଦ୍ଧି ଘଟିଲେ ଏହି ରୋଗର ଲକ୍ଷଣ ଦେଖାଦେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସୂଚନା ଅନୁସାରେ, ପ୍ରତି ୧୦୦ ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ରୋଗର ଶିକାର ହୋଇଥାନ୍ତି। ଅଟିଜିମ୍ ରୋଗର ଚିକିତ୍ସା କରାଇପାରିଲେ ଶିଶୁର ବ୍ୟବହାରରେ ଅନେକ ଉନ୍ନତି ପରିଲକ୍ଷିତ ହୋଇଥାଏ ଏବଂ ଶିଶୁର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ।